# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 March - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୨ ତାରିଖରେ ଝାଡ଼ଖଣ୍ଡରେ ଆଉ ଏକ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର କରିବେ ଉଦ୍‌ଘାଟନ

– ଏହି ଟ୍ରେନ୍ ଦ୍ୱାରା ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାର ଯାତ୍ରୀମାନେ ହେବେ ଉପକୃତ

- ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ହେବ ଅନୁଷ୍ଠିତ

– ୧୨ଟି ପ୍ରସ୍ତାବ ଉପରେ ବୈଠକରେ ନିଷ୍ପତ୍ତି ହେବା ନେଇ ସମ୍ଭାବନା

- ଆଜି ବିଭିନ୍ନ ବିଭାଗରେ ନିଯୁକ୍ତ ପତ୍ର ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ

ଏବଂ

- ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତି ତଦାରଖ କମିଟିର ପ୍ରଥମ ବୈଠକ ଆଜି ଅପରାହ୍ନରେ ଅନୁଷ୍ଠିତ ହେଉଛି

*HS*

## ପ୍ରଧାନମନ୍ତ୍ରୀ – ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୨ ତାରିଖ ଦିନ ଆଭାସୀ ଜରିଆରେ ଝାଡ଼ଖଣ୍ଡରେ ଆଉ ଏକ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଉଦ୍‌ଘାଟନ କରିବେ। ଏହି ଟ୍ରେନ୍ ବନାରସ ପର୍ଯ୍ୟନ୍ତ ଚାଲିବ। ରାଞ୍ଚି ରେଳମଣ୍ଡର ଡିଆର୍‌ଏମ୍  ଯଶ୍ମିତ ସିଂ ବିନ୍ଦ୍ରା ଏହି ସୂଚନା ଦେଇଛନ୍ତି। ରାଞ୍ଚି–ବନାରସ ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ୮ଟି ଚେୟାର କାର୍ କୋଚ୍ ରହିବ। ଏହି ଟ୍ରେନ୍ ଚାଲିବା ଦ୍ୱାରା ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାର ଯାତ୍ରୀମାନେ ଉପକୃତ ହେବେ।

ସୂଚନାଯୋଗ୍ୟ, ଗତକାଲି ଭୁବନେଶ୍ୱର-ବିଶାଖାପଟନମ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଭୁବନେଶ୍ୱର ରେଳଷ୍ଟେସନ୍ ଠାରେ ଟ୍ରାଏଲ ରନ୍ ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୨ ତାରିଖ ଦିନ ଏହି ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି।

*Desk*

## ରାଜ୍ୟ କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟର ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବ ବୋଲି

ସୂଚନା ମିଳିଛି। ସ୍ୱାସ୍ଥ୍ୟ, ରାଜସ୍ୱ, ସାଧାରଣ ପ୍ରଶାସନ ଭଳି ବିଭିନ୍ନ ବିଭାଗର ୧୨ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

***HS***

## କେନ୍ଦ୍ରମନ୍ତ୍ରୀ- ପୋଲ ଉଦ୍‌ଘାଟନ

କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୟୂରଭଞ୍ଜ ଜିଲ୍ଲା କୁଶୁମି ବ୍ଲକର ବର୍ଗିମାରା ଗ୍ରାମରେ ନିର୍ମାଣଧୀନ ପୋଲକୁ ଉଦ୍‌ଘାଟନ କରିଛନ୍ତି। ଏହି ପୋଲ ନିର୍ମାଣ ଦ୍ୱାରା ଗମନାଗମନ କ୍ଷେତ୍ରରେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ସେ କହିଛନ୍ତି। ଦୀର୍ଘଦିନରୁ ଅଞ୍ଚଳବାସୀଙ୍କ ଦାବିକୁ କେନ୍ଦ୍ର ସରକାର ପୂରଣ କରିଛନ୍ତି ବୋଲି ସେ କହିଛନ୍ତି।

# ଡିଇଇପି ଡବ୍ଲୁପି-ଏମ୍‌ଓୟୁ

ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ ବିଭାଗ ସାଇନ୍ ଏବୁଲ୍ କମ୍ୟୁନିକେଶନ ସହ ଏକ ବୁଝାମଣା ସ୍ମାରକପତ୍ର ସ୍ୱାକ୍ଷର କରିଛି । ଶ୍ରବଣ ଓ କଥନ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସହାୟତା କରିବାରେ ଏହି MoU ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଦୃଷ୍ଟିହୀନ ଓ ବଧିର ଦିବ୍ୟାଙ୍ଗଜନମାନଙ୍କ ଭାବର ଆଦାନ ପ୍ରଦାନରେ ଉନ୍ନତି ଆଣିବା ପାଇଁ ଏହା ଉଦ୍ଦିଷ୍ଟ । ଗତକାଲି ଦିବ୍ୟାଙ୍ଗଜନମାନଙ୍କ ପାଇଁ ଜାତୀୟ ସ୍ତରୀୟ ହେଲ୍‌ପ୍‌ଲାଇନ ନମ୍ବର ଆରମ୍ଭ କରାଯାଇଛି । ଏହା ହେଉଛି 14456 । ସାମାଜିକ ନ୍ୟାୟ ଓ କ୍ଷମତାପନ୍ନ

ମନ୍ତ୍ରଣାଳୟ ଏକ ବିବୃତିରେ କହିଛି କଥନ ଓ ଶ୍ରବଣ ଦିବ୍ୟାଙ୍ଗଜନମାନଙ୍କୁ ସହାୟତା ପାଇଁ ସାଇନ୍ ଏବୁଲ୍ କମ୍ୟୁନିକେଶନ୍ସ ସାହାଯ୍ୟ କରିବ ।

## ମୋ ବସ୍ ସେବା ଆରମ୍ଭ

ସମ୍ବଲପୁର ଓ ବ୍ରହ୍ମପୁରରେ ମୋ ବସ୍ ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି । ସମ୍ବଲପୁର ଅଇଁଠାପାଲି ବସ୍ ଟର୍ମିନାଲ ଏବଂ ବ୍ରହ୍ମପୁର ହଳଦିଆ ପଦରର ବସ୍ ଟର୍ମିନାଲରେ ଏହି ସେବା ଆରମ୍ଭ ହୋଇଛି। ଏହି ଅବସରରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ସାଂସଦ ଚନ୍ଦ୍ର ଶେଖର ସାହୁଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ।

## ନିଯୁକ୍ତିପତ୍ର ବଣ୍ଟନ

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ଗୃହ ବିଭାଗରେ ୧୨ଶହ ୯୪ଜଣଙ୍କୁ ନିଯୁକ୍ତି ଦିଆଯିବ। ଏହି ଅବସରରେ ଲୋକସେବା ଭବନ ସମ୍ମିଳନୀ କକ୍ଷ ଏବଂ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନିଯୁକ୍ତି ପର୍ବରେ ଆଜି ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୭୨୫ ଜଣ କନିଷ୍ଠ ସହାୟକ, ଅର୍ଥ ବିଭାଗରେ ୧୭୭ ଜଣ ସ୍ଥାନୀୟ ପାଣ୍ଠି ସମୀକ୍ଷକ, ୯୬ ଜଣ ସହକାରୀ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଅଧିକାରୀ, ୭ଜଣ ଉପଖଣ୍ଡ

ଆର୍ଥିକ ସେବା ଓ ସଞ୍ଚୟ ଅଧିକାର ନିଯୁକ୍ତି ପାଇବାକୁ ଯାଉଛନ୍ତି। ଅର୍ଥ ବିଭାଗରେ ମୋଟ ୨୮୦ ଜଣ ନୂତନ ଭାବେ ନିଯୁକ୍ତି ପାଇବେ। ଗ୍ରାମ୍ୟ ଉନ୍ନୟନ ବିଭାଗରେ ୧୧୬ ଜଣ କନିଷ୍ଠ ସହାୟକ, ୫ଜଣ କନିଷ୍ଠ କିରାଣୀ ଏବଂ ୮ଜଣ କନିଷ୍ଠ ଷ୍ଟେନୋଗ୍ରାଫର ନିଯୁକ୍ତି ପାଇବେ। ଗ୍ରାମ୍ୟ ଉନ୍ନୟନ ବିଭାଗରେ ମୋଟ ୧୨୯ ଜଣ ନୂତନ ଭାବେ ନିଯୁକ୍ତି ପାଇବେ। କ୍ରୀଡ଼ା ବିଭାଗରେ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୬୦ ଜଣ କୃତୀ କ୍ରୀଡ଼ାବିତଙ୍କୁ ନିଯୁକ୍ତି ଦିଆଯିବ। ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଗୃହ ବିଭାଗର ବିଭିନ୍ନ ପଦବୀରେ ନିଯୁକ୍ତି ପାଇବେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ।

## ଶ୍ରୀମନ୍ଦିର ରତ୍ନଭଣ୍ଡାର ବୈଠକ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତି ତଦାରଖ କମିଟିର ପ୍ରଥମ ବୈଠକ ଆଜି ଅପରାହ୍ନରେ ଅନୁଷ୍ଠିତ ହେଉଛି। ଏହି ବୈଠକରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ ପଶାୟତ ଅଧ୍ୟକ୍ଷତା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କମିଟି ଗଠନ କରିବା ପରେ ଏହା ହେଉଛି ପ୍ରଥମ ବୈଠକ। ଏଥିପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହି ୧୨ ଜଣିଆ କମିଟିରେ ଅଧ୍ୟକ୍ଷ ଭାବେ ଜଷ୍ଟିସ ଅରିଜିତ ପଶାୟତ ରହିଥିବା ବେଳେ ହୃଦ୍‌ରୋଗ

ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡା ଉପାଧ୍ୟକ୍ଷ ଅଛନ୍ତି।  ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପ୍ରତିନିଧିଙ୍କ ସମେତ  ଏ.ଏସ୍.ଆଇ.ର ପ୍ରତିନିଧି, ଶ୍ରୀମନ୍ଦିର ପରିଚାଳନା କମିଟି ସେବକ ପ୍ରତିନିଧି, ପୁରୀ ଜିଲ୍ଲାପାଳ ଓ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ପ୍ରମୁଖ ଯୋଗ ଦେଇଛନ୍ତି।

## ଜନମନ ଯୋଜନା

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ନ୍ୟାୟ ମହା ଅଭିଯାନ-ପିଏମ୍ ଜନମନ ମିଶନରେ ଗତ ୩ ମାସ ମଧ୍ୟରେ ୭ ହଜାର କୋଟିରୁ ଅଧିକ ଅର୍ଥ ପ୍ରକଳ୍ପ ପାଇଁ ମଂଜୁର କରିଛନ୍ତି । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁସାରେ ପିଏମ୍ ଜନମନ ମିଶନ ଆର୍ଥିକ ଅନଗ୍ରସର ଜନଜାତି ଗୋଷ୍ଠୀମାନଙ୍କର ସାମାଜିକ ଅର୍ଥନୈତିକ ସ୍ଥିତିରେ ଉନ୍ନତି ପାଇଁ କାର୍ଯ୍ୟ କରୁଛି । ଏ ବାବଦରେ କେନ୍ଦ୍ର ସରକାର ୯ଟି ମନ୍ତ୍ରଣାଳୟ ଜରିଆରେ ଜନଜାତିମାନଙ୍କ ପାଇଁ ସୁରକ୍ଷିତ ବାସଗୃହ, ବିଶୁଦ୍ଧ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ,ବିଜୁଳି, ସଡ଼କ ଓ ଟେଲିକମ୍ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କାମ କରୁଛନ୍ତି । ବଜେଟ୍‌ରେ ଏଥିପାଇଁ ୨୪ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ନଭେମ୍ବର ମାସରେ ପିଏମ ଜନମନ ମିଶନର ଶୁଭାରମ୍ଭ କରିଥିଲେ ।

## ବର୍ଣ୍ଣବୋଧ ଛାପା

ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ଛାପାକୁ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇଛନ୍ତି। ଏହି ପୁସ୍ତକ ଓଡ଼ିଆ ଭାଷାର ମୂଳଦୁଆ ବୋଲି ବିବେଚନା କରାଯାଉଥିବା ବେଳେ ଖୁବ୍‌ଶୀଘ୍ର ପୁଣି ଥରେ ଏହା ଛାତ୍ରଛାତ୍ରୀଙ୍କ ନିକଟକୁ ଯିବ। ଏହି ପୁସ୍ତକ ଛାପା ହେବା ସହିତ ଏହାର ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପୁନଃ ମୁଦ୍ରଣ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଏହି ପୁସ୍ତକକୁ ପ୍ରସ୍ତୁତ କରିବା ପାଇଁ କେତେକ ବରିଷ୍ଠ ସାହିତ୍ୟିକ ତଥା ଭାଷାବିତଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ମୂଳ 'ବର୍ଣ୍ଣବୋଧ'ରେ କୌଣସି ପରିବର୍ତ୍ତନ ହେବନାହିଁ । ଏହାର ଅବିକଳ ମୁଦ୍ରଣ କରାଯିବାକୁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି।

## ଚାଷୀ ପଞ୍ଜୀକରଣ

ଚଳିତବର୍ଷର ରବିଧାନ ସଂଗ୍ରହ ଆସନ୍ତା ମେ ପହିଲାରୁ ଆରମ୍ଭ ହେବ । ଏଥିପାଇଁ ଚାଷୀ ଓ ସମିତି ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ଯୋଗାଣ ନିଗାମ ତଥ୍ୟ ଅନୁସାରେ ଗତକାଲି ସୁଦ୍ଧା ୮୬୭ ପ୍ରାଥମିକ କୃଷି ସମବାୟ ସମିତି-ପାକ୍ସ ରବିଧାନ ସଂଗ୍ରହ ଲାଗି ପଞ୍ଜିକରଣ କରିଛନ୍ତି । ଏଥିସହ ୧ହଜାର ୩୫୭ଜଣ ଚାଷୀ ଧାନ ବିକ୍ରି କରିବା ଲାଗି ସେମାନଙ୍କର ନାମ ପଞ୍ଜୀକୃତ କରିଛନ୍ତି ବୋଲି ଯୋଗାଣ ନିଗମ ପକ୍ଷରୁ କୁହାଯାଇଛି ।

## ମାଟ୍ରିକ ଖାତାଦେଖା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଖାତା ଦେଖା ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ । ଏ ନେଇ ବୋର୍ଡ ପକ୍ଷରୁ ମୂଲ୍ୟାୟନକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୋର୍ଡ ଓ୍ୱେବ୍‌ସାଇଟ୍‌ରୁ ସ୍କୁଲ୍ କୋଡ୍ ଓ ପାଶଓ୍ୱାର୍ଡ ବ୍ୟବହାର କରି ଏହି ନିଯୁକ୍ତିପତ୍ର ଡାଉନ୍‌ଲୋଡ୍ କରିବେ ଏବଂ ସଂପୃକ୍ତ ଶିକ୍ଷକଙ୍କୁ ପ୍ରଦାନ କରିବେ । ଆସନ୍ତା ୧୪ ତାରିଖ ସୁଦ୍ଧା ସମସ୍ତ ମୂଲ୍ୟାୟନକାରୀ ଖାତାଦେଖା କେନ୍ଦ୍ରରେ ପହଞ୍ଚିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଡୋନାଲ୍ ସେଣ୍ଟରରୁ ଉତ୍ତର ଖାତା ଆସି ବୋର୍ଡରେ ପହଞ୍ଚି ସାରିଥିବା ଜଣାପଡ଼ିଛି । ୧୩ ତାରିଖ ସୁଦ୍ଧା ମୂଲ୍ୟାୟନ ଲାଗି ହୋଇଥିବା ୫୪ଟି କେନ୍ଦ୍ରରେ ଉତ୍ତର ଖାତା ପହଞ୍ଚିବ । ୧୨ ଦିନ ମଧ୍ୟରେ ମୂଲ୍ୟାଙ୍କନ ପ୍ରକ୍ରିୟା ଶେଷ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

## ନୌଚାଳନା ଶିବିର

ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ପକ୍ଷରୁ ନୌଚାଳନାରେ ରୁଚି ରଖୁଥିବା କ୍ରୀଡାବିତ ମାନଙ୍କୁ ନେଇ ୪ ଦିନିଆ ରାଷ୍ଟ୍ରୀୟ ନୌଚାଳକ ପ୍ରମାଣନ ଶିବିର ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୋଗଦେଇ ସମସ୍ତ ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକ ମାନଙ୍କୁ ଏହି ଦୁଃସାହସିକ କ୍ରୀଡାରେ

ଯୋଗଦାନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି କ୍ରୀଡା ପୁରୀରେ ଅନୁଷ୍ଠିତ ହେଉଛି ଏବଂ ଏଥିପାଇଁ ସଂଘର ଉଦ୍ୟମକୁ ପ୍ରଶଂସା କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ  ଆଜି ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି।  ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଅଧ୍ୟକ୍ଷ ସଂଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୪ ଅନୁଷ୍ଠିତ ହୋଇଯାଇଛି।  ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୧୧୫ ଗୋଟି ମାମଲା ଓ ୮ ହଜାର ୭୮୨ ଗୋଟି ରାଜସ୍ୱ ମାମଲାର ଫଇସଲା କରାଯାଇ  ମୋଟ ୧୧ ଲକ୍ଷ ୭୧ ହଜାର ୧୩୦ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି।

## ପାଣିପାଗ

ରାଜ୍ୟରେ ଚଳିତ ବର୍ଷ ପ୍ରବଳ ତାତି ସାଙ୍ଗକୁ ଗ୍ରୀଷ୍ମ ଲହରି ଅନୁଭୂତ ହେବ। ଏଭଳି ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ ଏବଂ ଦିନର ତାପମାତ୍ରାରେ ବୃଦ୍ଧି ଘଟିବ ।

ଅନ୍ୟପକ୍ଷରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ୧୧ ତାରିଖ ପରେ ଦିନର ସର୍ବାଧିକ ତାପମାତ୍ରା ବୃଦ୍ଧି ହେବ। କିଛି କିଛି ସ୍ଥାନରେ ଦିନର ସର୍ବାଧିକ

ତାପମାତ୍ରା ୪ରୁ ୬ ଡିଗ୍ରି ଯାଏଁ ବୃଦ୍ଧି ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

*********************************